

ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ଏହି ଧାର୍ମିକ କାର୍ଯ୍ୟରେ ଯୋଗଦେବା ପାଇଁ ଦେଶର ପ୍ରମୁଖ ଦେବଦେବୀ ପୀଠ, ଚାରିଧାମର ପୀଠାଧୀଶ, ଧର୍ମଗୁରୁ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରାଯିବା ପରେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମଙ୍ଗଳବାର ପବିତ୍ର ମାର୍ଗଶୀର ପୂର୍ଣ୍ଣିମାରୁ ଦେଶ ଏବଂ ରାଜ୍ୟର ପ୍ରମୁଖ ଦେବପୀଠକୁ ନିମନ୍ତ୍ରଣ ଲାଗି ଯାତ୍ରା କରିଛନ୍ତି ସ୍ୱତନ୍ତ୍ର ଟିମ୍ ।











### ନୂଆବର୍ଷରୁ ବଡ଼ଦାଣ୍ଡରେ ନୂଆ ପାର୍କିଂ

# ଧଳାଗାର ଭିତରେ ରହିବ ବାଇକ୍

**ପୁରୀ,୨୬।୧୨(ସମିସ):** ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ । ଏଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି । ତେବେ ଆଗକୁ ନୂଆବର୍ଷ । ମହାପ୍ରଭୁଙ୍କ ଦର୍ଶନ କରି ନବବର୍ଷ ଆରମ୍ଭ କରିବାକୁ ପୁରୀକୁ ଲକ୍ଷାଧିକ ଭକ୍ତ ଆସିବେ । ତେଣୁ ସେମାନେ ଯେପରି ଶୃଙ୍ଖଳିତ ଭାବେ ଶ୍ରୀମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବେ ସେଥିଲାଗି ପୁଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁବ୍ୟବସ୍ଥିତ କରାଯାଉଛି । ନୂଆବର୍ଷ ପାଇଁ ବଡ଼ଦାଣ୍ଡରେ ନୂଆ ପାର୍କିଂ ବ୍ୟବସ୍ଥା ହୋଇଛି ।

ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ସୂଚନା ଅନୁଯାୟୀ, ଭକ୍ତଙ୍କ ସୁବିଧା ନିମନ୍ତେ ବାଇକ୍ ପାର୍କିଂ ପାଇଁ ସ୍ୱତନ୍ତ୍ର କରିଡ଼ର କରାଯାଇଛି । ବଡ଼ଦାଣ୍ଡର ଉଭୟ ପାଶ୍ୱର୍ରେ ଧଳା ଗାର ଟଣାଯାଇଛି । ଭକ୍ତମାନେ ଏହି ଧଳା ଗାର ମଧ୍ୟରେ ସେମାନଙ୍କ ବାଇକ୍ ପାର୍କିଂ କରିପାରିବେ । ଧଳାଗାରକୁ କେହି ଡେଇଁ ପାର୍କିଂ କରିବେ ନାହିଁ । ସେହିପରି ବଡ଼ଦାଣ୍ଡର ଉଭୟ ପାଶ୍ୱର୍ରେ ଟୁର୍ ଅପରେଟର ଏବଂ ଟ୍ରାଭେଲ୍ସ ସେମାନଙ୍କ ଚାରିଚକିଆ ଗାଡ଼ି ଜେଲ୍‌ରୋଡ ବହୁତଳ ପାର୍କିଂ କିମ୍ବା ଜଗନ୍ନାଥ ବଲ୍ଲଭ ପାର୍କିଂରେ ରଖିବେ । ମେଡିକାଲ ଛକରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ କେହି ଚାରିଚକିଆ ଯାନ ପାର୍କିଂ କରିପାରିବେ ନାହିଁ । ସେହିପରି ପତିତପାବନଙ୍କ ସମ୍ମୁଖ ଭାଗ ନୋ ପାର୍କିଂ ଜୋନ ହେବ । ସେଠାରେ କେହି ଗାଡ଼ି ରଖିପାରିବେ ନାହିଁ । ସେହିପରି ବଡ଼ଦାଣ୍ଡରେ ନିର୍ମାଣାଧୀନ ଶୀତତାପ ନିୟନ୍ତ୍ରିତ ଶେଡ୍ ପାଖରେ ମଧ୍ୟ ନୋ ପାର୍କିଂ ଜୋନ ହେବ । ବୁଧବାରଠାରୁ ଏହି ନୂଆ ପାର୍କିଂ କଟକଣା ଲାଗୁ କରାଯିବ ବୋଲି ସିଟି ଡିଏସ୍‌ପି ଶ୍ରୀ ସାହୁ କହିଛନ୍ତି ।

**ଜଗନ୍ନାଥ ବଲ୍ଲଭ ଓ ଜେଲ୍‌ରୋଡରେ ଚାରିଚକିଆ ପାର୍କିଂ**

# ନୂଆବର୍ଷରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବି

ପୁରୀ,୨୬।୧୨(ସମିସ)

ନୂଆବର୍ଷରେ ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଛି ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ । ଏ ନେଇ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଇଂରାଜୀ ନବବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ । ସୋମବାର ବଡ଼ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି ମାର୍କେଟ ଛକ ପର୍ଯ୍ୟନ୍ତ ଲମ୍ବି ଥିଲା । ଭିଡ଼ ଏମିତି ହୋଇଥିଲା ଯେ, ଅନେକ ଭକ୍ତ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡକୁ ଠେଲି ଭିତରକୁ ଧସେଇ ପଶିଥିଲେ । ଏହି ବାଟ ଦେଇ କିଛି ଭକ୍ତଙ୍କୁ ନିଆଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି । ତେଣୁ ଏଭଳି ସ୍ଥିତିର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ବରିଷ୍ଠ ନାଗରିକ ଏବଂ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯିବା ଦରକାର । ନଚେତ୍ ଯଦି କିଛି ଅଘଟ ଘଟେ ତେବେ କିଏ ଦାୟୀ ରହିବ ବୋଲି ସଂଘ ପ୍ରଶ୍ନ କରିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଆବାହକ ଅନିଲ କୁମାର ସାହୁ, ସୁରେଶ ମହାପାତ୍ର, ଉମାଶଙ୍କର ସାହୁ, ପ୍ରତାପ ମହାପାତ୍ର, ବିଜୟ ସାହୁ, ଲାଲା ଅନନ୍ତ କୁମାର ସିଂହ, ବ୍ୟୋମକେଶ ଚିନରା ଓ ପ୍ରଦୀପ କୁମାର ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ବାଟାଲିୟନ୍

# ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ପୁଲିସ ସଂଘର କୃତଜ୍ଞତା

ପୁରୀ,୨୬।୧୨(ସମିସ)



ଆହୁରି ସୁଦୃଢ ହେବ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା । ଶୃଙ୍ଖଳିତ ହେବ ଭକ୍ତଙ୍କ ଦର୍ଶନ । ଏଥିପାଇଁ ବଡ଼ଦେଉଳରେ ମୁତୟନ ହେବେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ । ଏମାନେ ମନ୍ଦିର ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଭକ୍ତଙ୍କ ଶୃଙ୍ଖଳତ ଦର୍ଶନ ବ୍ୟବସ୍ଥାର ଦାୟିତ୍ୱ ସମ୍ଭାଳିବେ । '୫-ଟି' ଓ 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଦେଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହି ବ୍ୟବସ୍ଥାରେ ୧,୧୯୦ ଜଣ ସୁରକ୍ଷାକର୍ମୀ ମୁତୟନ ହେବେ ।

ତେବେ ଶ୍ରୀମନ୍ଦିର ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛ ପୁରୀ ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘ । ମଙ୍ଗଳବାର ସଂଘ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧକ୍ଷଙ୍କୁ ଧନ୍ୟବାଦ ଦିଆଯାଇଛି । ସଂଘ ଉପସଭାପତି ସନ୍ତୋଷ କୁମାର ସାହୁ କହିଛନ୍ତି, ଆସନ୍ତା ଜାନୁୟାରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ । ପୁରୀକୁ ଭକ୍ତଙ୍କ ଆଗମନ ବଢିବ । ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶ୍ରୀମନ୍ଦିର ପାଇଁ ଯେଉଁ ସ୍ୱତନ୍ତ୍ର ବାଟାଲିୟନ ପ୍ରତିଷ୍ଠା କରିବାକୁ ଯାଉଛନ୍ତି ବାସ୍ତବିକ ଏହା ସ୍ୱାଗତଯୋଗ୍ୟ । ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ସହିତ ଭକ୍ତମାନେ ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ । ଏଥିପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ନବୀନ ଓଡ଼ିଶା ଅଧକ୍ଷଙ୍କୁ କୃତଜ୍ଞତା କୃତଜ୍ଞତା ଜଣାଉଛୁ ।

## ସମୁଦ୍ରରେ ବୁଡ଼ିଯାଉଥିବା ୭ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨୬।୧୨(ସମିସ): ବିଭିନ୍ନ ସମୟରେ ପୁରୀ ସମୁଦ୍ରରେ ଘଟୁଛି ଅଘଟଣ । ସ୍ନାନ ସମୟରେ ବୁଡ଼ିଯାଇ ପର୍ଯ୍ୟଟକ ମୃତାହତ ହେଉଛନ୍ତି । ତେବେ ଅନେକ ସମୟରେ ବିପଦରେ ପଡୁଥିବା ପର୍ଯ୍ୟଟକଙ୍କ ପାଇଁ ଦେବଦୂତ ସାଜୁଛନ୍ତି ଲାଇଫ୍‌ଗାର୍ଡ । ସେମାନେ ପର୍ଯ୍ୟଟକଙ୍କୁ ଉଦ୍ଧାର କରୁଛନ୍ତି । ମଙ୍ଗଳବାର ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୭ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି ଲାଇଫ୍‌ଗାର୍ଡ । ସେକ୍ଟର-୭ରେ ପଶ୍ଚିମବଙ୍ଗର ସୁଶୀଲ ଗୋଏଲ ଓ ଇଷିତା ଚାଟାର୍ଜୀ ଅପରାହ୍ନରେ ଗାଧୋଉଥିବା ବେଳେ ଜୁଆରରେ ପଡି ଭିତରକୁ ଟାଣି ହୋଇଯାଉଥିଲେ । ସେମାନେ ବୁଡ଼ିଯାଉଥିବା ଦେଖି ଉପସ୍ଥିତ ଲାଇଫ୍‌ଗାର୍ଡ ତାଙ୍କୁ ଉଦ୍ଧାର କରିଥିଲେ । ସେହିପରି ସେକ୍ଟର-୧ରେ ପଶ୍ଚିମବଙ୍ଗର ହରଜିତ୍ ଏସ୍‌ଲାଲା ଓ ମସର ଫକୀମ ମଧ୍ୟ ବିପଦରେ ପଡିଥିଲେ । ଉଭୟଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଥିଲେ । ଝାଡ଼ଖଣ୍ଡର ଅରୁଣ କୁମାର, ରାଜ ମଣ୍ଡଳ ଓ ସୁଚି ମଣ୍ଡଳଙ୍କୁ ସେକ୍ଟର-୯ରୁ ଉଦ୍ଧାର କରିଥିଲେ ଲାଇଫ୍‌ଗାର୍ଡ ।

### ବିଜେଡିର ପ୍ରତିଷ୍ଠା ଦିବସ

# ଏକଜୁଟ୍ ହୋଇ କାମ କରିବାକୁ ଆହ୍ୱାନ

ପୁରୀ,୨୬।୧୨(ସମିସ)



ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ନରେନ୍ଦ୍ରକୋଣସ୍ଥିତ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ତୃଣମୂଳସ୍ତରରେ ଲୋକେ କିପରି ସବୁ ଯୋଜନାର ସୁଫଳ ପାଇପାରିବେ ସେ ଦିଗରେ ସଚେତନ ହେବା ପାଇଁ ପରାମର୍ଶ ଦେବା ସହ ସମସ୍ତେ ଏକଜୁଟ୍ ହୋଇ କାମ କରିବାକୁ ଭିଡ଼ିଓ କଲ୍ ମାଧ୍ୟମରେ ଆହ୍ୱାନ ଦେଇଥିଲେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ।

ଭାରତ ବର୍ଷରେ ବିଜୁ ଜନତା ଦଳ ଏକମାତ୍ର ଆଞ୍ଚଳିକ ଦଳ ଯିଏ ନିରବଚ୍ଛିନ୍ନ ଭାବେ ଶାସନ ଦାୟିତ୍ୱରେ ରହିଆସିଛି । ବିଜେଡି ୨୬ ବର୍ଷ ପୂରଣ କରି ୨୭ ବର୍ଷରେ ପଦାର୍ପଣ, ରାଜନୀତି କ୍ଷେତ୍ରରେ ଏହା କୌଣସି ଛୋଟ ଉପଲବ୍ଧି ନୁହେଁ । ଏହା କେବଳ ଆମ ସମସ୍ତଙ୍କର ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା, ସ୍ୱଚ୍ଛ ଏବଂ ନିର୍ମଳ ଭାବ ମୂର୍ତ୍ତି ଯୋଗୁ ହିଁ ସମ୍ଭବ ହୋଇପାରିଛି । ଓଡ଼ିଶାର ସାଢେ ୪ କୋଟି ଜନସାଧାରଣ ତାଙ୍କ ଉପରେ ଆଶୀର୍ବାଦ କରିଆସୁଛନ୍ତି । ଆଗକୁ ମଧ୍ୟ ଏହି ଧାରା ଅବ୍ୟାହତ ରହିବ । ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ କରି ପୁରୀ ସଦର ନିର୍ବାଚନ ମଣ୍ଡଳୀକୁ ଆସନ୍ତା ନିର୍ବାଚନରେ ବିଜୟ କରିବା ପାଇଁ ସଂକଳ୍ପ ନିଆଯାଇଥିଲା । ଏଥିରେ ରାଜ୍ୟ ବିଜେଡିର ଡିଜିଟାଲ ସେଲ୍ ମୁଖ୍ୟ ସୁବ୍ରତ କୁମାର ଛାଟୋଇ, ରାଜ୍ୟ ଯୁବ ଉପସଭାପତି ସୁନୀଲ ମହାନ୍ତି, ଯୁବ ବିଜେଡିର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ସୁରେନ୍ଦ୍ର ନାଥ ଦାଶ, ସବ୍ୟସାଚୀ ମହାପାତ୍ର, ଶ୍ରୀପ୍ରକାଶ ମିଶ୍ର, ଦିବାକର ପାତ୍ର, ନାରାୟଣ ପଟ୍ଟନାୟକ, ଭକ୍ତଚରଣ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ଶାନ୍ତିଲତା ପ୍ରଧାନ, ଗୌରହରି ପ୍ରଧାନ, ଏ ବିଶ୍ୱନାଥ ରାଓ, ଘନଶ୍ୟାମ ମର୍ଦ୍ଦରାଜ, ବାବୁଲା ପ୍ରସାଦ, ଏନ୍ ବଳରାମ ରେଡ୍ଡୀ, ପ୍ରିତମ ଜଗଦ୍ଦେବ, ରଞ୍ଜିତା ମହାନ୍ତି, ସୁଚିସ୍ମିତା ସାହୁ, ବିଭୂତି ଭୂଷଣ ସେଠୀ, ସୁମନ୍ତ ସାହୁ, ହରିହର ପାଢ଼ୀ, ବିରେନ୍ଦ୍ର ଭୂଷଣ ହୋତା, ନୀଳକଣ୍ଠ ନାୟକ, ବିଜୟକୃଷ୍ଣ ବ୍ରହ୍ମା, ଦେବରାଜ ସାହୁ, ସରୋଜ ନାୟକ, ରମେଶ ନାରାୟଣ ପ୍ରହରାଜ, ରାଧାରମଣ ସ୍ୱାଇଁ, ବାପିନୀ ଶତପଥୀ, ମଧୁସୂଦନ ନନ୍ଦ, ସୁବାସ ସ୍ୱାଇଁ, ରମେଶ ବେହେରା, ସୁଧାଂଶୁ ଶେଖର ମହାନ୍ତି, ଅମୃତ ମିଶ୍ର, ତାପସ ପଟ୍ଟନାୟକ, ରାଜେଶ ରଥ, ସୁଧାଂଶୁ ଚନ୍ଦ୍ର ସାହୁ, ରବିନ୍ଦ୍ର ବାରିକୀ, ଦାମୋଦର ସେଠୀ, ପୀତବାସ ନାୟକ, କାର୍ତ୍ତିକ ପଣ୍ଡା, ଶାନ୍ତିଲତା ସେଠୀ, ପ୍ରଦୀପ୍ତ ଭାନୁ ଘଟୁଆରୀ, ମାନସ କୁମାର ସୁବୁଦ୍ଧିଙ୍କ ସମେତ ପୁରୀ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ ।

# ରକ୍ତଦାନ ଶିବିର; ୨୦୧ ୟୁନିଟ୍ ସଂଗ୍ରହ



ପୁରୀ,୨୬।୧୨(ସମିସ)

ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଅବସରରେ ଯୁବ ବିଜେଡିର ରାଜ୍ୟ ଉପସଭାପତି ତଥା ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଜୁ ଜନତା ଦଳର ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା, ଗୌରହରି ପ୍ରଧାନ, ସୁବ୍ରତ ଛାଟୋଇ, ପ୍ରକାଶ ମହାନ୍ତି, ନାରାୟଣ ସ୍ୱାଇଁ ଉଦ୍‌ଘାଟନ କରିଥିଲେ ।

ଶିବିରରେ ମୋଟ ୨୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏଥିରେ ଯୁବ ବିଜେଡି ରାଜ୍ୟ ଉପସଭାପତି ସୁନିଲ ମହାନ୍ତି, ପୁରୀ ସଦର ବ୍ଲକ ଅଧକ୍ଷ ଦିବାକର ପାତ୍ର, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଗୌରହରି ପ୍ରଧାନ, ପୁରୀ ଜିଲ୍ଲା କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରବି ସାମନ୍ତରା, ପୂର୍ବତନ କାଉନସିଲର ସୁଚିସ୍ମିତା ସାହୁ, ସୁବାସ ସାହୁ, ଓଡ଼ିଶା ମୋ ପରିବାର ସହ ସଂଯୋଜକ ଭଗବାନ ପଡ଼ିଆରି, ଆଇନଜୀବୀ ଗୋପାଳ କୃଷ୍ଣ ପଣ୍ଡା, ପୁରୀ ଜିଲ୍ଲା ଯୁବ ସଭାପତି ନାରାୟଣ ସ୍ୱାଇଁ, ସମ୍ପାଦକ ଭୁବନ ମୋହନ ପୂଜା ପଣ୍ଡା, ମାନସ ପୃଷ୍ଟି, ରୋଜାଲିନ ନାୟକ, ରାମକୃଷ୍ଣ ପ୍ରତିହାରୀ, ଛାତ୍ର ନେତା ହରିହର ସୁଆର, ଶ୍ରୀନିବାସ ମିଶ୍ର, ରାଜେଶ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳନ

# ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିତାଇବାକୁ ଶପଥ






**କୋଣାର୍କ,୨୬।୧୨(ସମିସ)**

ମଙ୍ଗଳବାର ଚନ୍ଦ୍ରଭାଗାଠାରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ। ତାଙ୍କ ନେତୃତ୍ୱରେ ୫ଶହ ବିଜେଡି କର୍ମୀ ଛୋଟାରାମ ବାବା ଆଶ୍ରମଠାରୁ ଶୋଭାଯାତ୍ରାରେ ବାହାରି ପ୍ରବାଦ ପୁରୁଷ 'ବିଜୁ ପଟ୍ଟନାୟକ ଅମର ରହେ', 'ନବୀନ ପଟ୍ଟନାୟକ ଜିନ୍ଦାବାଦ' ନାରାଦେଇ ଚନ୍ଦ୍ରଭାଗା ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କୋଣାର୍କ ଏନ୍ଏସିର ୩୦ଜଣ ସଫେଇ କର୍ମଚାରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ ପୂର୍ବତନ ବିଧାୟକ ସେଠୀ। ଏଥିସହ ଶତାଧିକ ବିଜେଡି କର୍ମୀଙ୍କୁ ନେଇ ଚନ୍ଦ୍ରଭାଗା ବେଳାଭୂମି ସଫେଇ ହୋଇଥିଲା। ପରେ ଛୋଟାରାମ ବାବା ଆଶ୍ରମଠାରେ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜିତାଇବାକୁ ଉପସ୍ଥିତ ଶତାଧିକ କର୍ମୀ ଶପଥ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ସୁରେନ୍ଦ୍ର ସେଠୀଙ୍କ ହାତ ମୁଠାକୁ ଟାଣ କରିବାକୁ କାକଟପୁର ବ୍ଲକ, କୋଣାର୍କ ଏନଏସି, ଅସ୍ତରଙ୍ଗ ବ୍ଲକ ଓ ଗୋପ ବ୍ଲକର ଉପସ୍ଥିତ ୫୦ଜଣ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବରିଷ୍ଠ ନେତାମାନେ ଏକ ସ୍ୱରରେ କହିଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକ ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ପରିଷଦ ସଭ୍ୟ ଦିବାକର ଛାଟୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ପୂର୍ବତନ ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି ସାଇ ରଂଜନ ପ୍ରଧାନ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପ୍ରଫୁଲ୍ଲ ପାତ୍ର, ସଞ୍ଜୟ ରାଉତରାୟ, ବିମ୍ବାଧର ବେଉରା, ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା, ପାର୍ଥସାରଥି ବେହେରା, ଭକ୍ତ ଦାସ, କାର୍ତ୍ତିକ ମଲ୍ଲିକ, ବାବୁଲି ବରାଳ ପ୍ରମୁଖ ଯୋଗ ଦେଇଥିଲେ।




**ସାକ୍ଷୀଗୋପାଳ:** ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଆୟୋଜନ କରାଯାଇଥିଲା। ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଏଥିରେ ତିଳେମାତ୍ର ଅବିଶ୍ୱାସ ନାହିଁ। ସତ୍ୟବାଦୀ ଓ କଣାସ ବ୍ଲକ୍‌ର ବିକାଶ ପାଇଁ କୋଟି କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସହିତ '୫-ଟି' ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ ସହଯୋଗରେ ଖର୍ଚ୍ଚ ହେଉଛି ବୋଲି ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସହ ଅନ୍ୟ ଅତିଥିମାନେ କହିଥିଲେ।

ଅନୁଷ୍ଠିତ ସଭାରେ ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ ସଭାପତିତ୍ୱ କରିଥିଲେ। ପ୍ରଥମେ ଶ୍ରୀ ଜଗନ୍ନାଥ ଓ ବିଜୁବାବୁଙ୍କ ଫଟୋରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯାଇ ଥିଲା। ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଆମ୍ରା ଅଧ୍ୟକ୍ଷ ମହମ୍ମଦ ଝିକିରିଆ, ସତ୍ୟବାଦୀ ବ୍ଲକ ବିଜେଡି ମିଡିଆ ସେଲ୍‌ର ସଂଯୋଜକ ତୁଷାର ରଞ୍ଜନ ନାୟକ, ଯୁବ ବିଜେଡି ସଭାପତି ଶରତ କୁମାର ରାଉତରାୟ, କଣାସ ଯୁବ ବିଜେଡି ସଭାପତି ବସନ୍ତ କୁମାର ଜେନା, କଣାସ ବିଜେଡି ସଭାପତି ସୁରେନ୍ଦ୍ର ସାହୁ, ଛାତ୍ର ବିଜେଡି ସଭାପତି ଦୀନେଶ ମହାପାତ୍ର, ମିଶନଶକ୍ତି ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଦାଶ, ଜୟପୁର ସରପଞ୍ଚ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ ଓ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଧ୍ରୁବଚରଣ ଦାଶ ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଶପଥ ନେଇଥିଲେ।

**ନିମାପଡ଼ା:** ନିମାପଡ଼ା ବିଜେଡି କାର୍ଯ୍ୟାଳୟରେ ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଦଳୀୟ ପତାକା ଉତ୍ତୋଳନ କରଯାଇ ବିଜେଡି ବ୍ଲକ ସଭାପତି ଅଶୋକ ସାହୁଙ୍କ



ସଭାପତିତ୍ୱରେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ବିଜେଡିର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତେ ଏକତ୍ରିତ ହୋଇ ଦଳ ପାଇଁ କାର୍ଯ୍ୟ କରିବା ସହିତ ତୃଣମୂଳସ୍ତରର ଲୋକଙ୍କ ନିକଟରେ ପହଞ୍ଚି ସଂଗଠନକୁ ମଜଭୁତ୍ କରି ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଦଳକୁ ପୁଣି ଜିତାଇବାକୁ ସଂକଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବ୍ଲକ ସମ୍ପାଦକ ରବୀନ୍ଦ୍ର ନାୟକ, ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଅରୁଣ କୁମାର ଦାଶ, ପୁନେଶ ସେନାପତି, ଉପନଗରପାଳ ସନ୍ତୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# 'ନୂଆ-ଓ'ପ୍ରତିଯୋଗିତା ଉଦ୍‌ଘାଟିତ



କଣାସ,୨୬।୧୨(ସମିସ): କଣାସ ବ୍ଲକସ୍ତରୀୟ କ୍ରୀଡା (ନୂଆ ଓ ଯୁବ ଓଡିଶା ନବୀନ ଓଡିଶା) ପ୍ରତିଯୋଗିତାର ଉଦଘାଟନ ଆଜି ସ୍ଥାନୀୟ ଦୋକନ୍ଦା ମେଳଣ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ୍, ଭଲିବଲ୍, କବାଡି ଓ ଖୋ-ଖୋ ଆଦି କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇ ଆସନ୍ତା ୬ତାରିଖରେ ଶେଷ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜିଠାରୁ କ୍ରିକେଟ୍ ପ୍ରତିଯୋଗିତା ୩ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଦୋକନ୍ଦା ମେଳଣ ପଡିଆ ଓ ପଞ୍ଚାୟତ ସମିତି ଦକ୍ଷିଣପାଶ୍ୱର୍ ଖେଳପଡିଆଠାରେ ଅନୁଷ୍ଠିତ ହେବ। ଶିକ୍ଷକ ସୁଶାନ୍ତ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଓଡିଶାରେ କ୍ରୀଡାର ଉନ୍ନତ ଭିତ୍ତିଭୂମି ପ୍ରସ୍ତୁତ କରି ରାଜ୍ୟସରକାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାବେଳେ ଦୁଇ ଦୁଇ ଥର ହକି ବିଶ୍ୱକପ୍ ଓଡିଶାରେ ସଫଳତାର ସହିତ ଆୟୋଜନ କରି କ୍ରୀଡା କ୍ଷେତ୍ରରେ ପ୍ରତିଷ୍ଠିତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଅଶେଷ ଧନ୍ୟବାଦ ପ୍ରଦାନ କରିଥିଲେ। କଣାସ ବ୍ଲକରେ ଏକ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ତାଙ୍କର ନିରବିଚ୍ଛିନ୍ନ ଉଦ୍ୟମ ପ୍ରତି ରାଜ୍ୟସରକାର ସଦୟ ହୋଇ ଗଡସାନପୁଟଠାରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ୧କୋଟି ଟଙ୍କା ପ୍ରଥମ ପର୍ଯ୍ୟାୟରେ ମଞ୍ଜୁର କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ନାରାୟଣ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ବ୍ଲକ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, କଣାସ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ, ସିଡିପିଓ ସ୍ମିତା ମହାନ୍ତି, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା ଯୋଗଦେଇ କ୍ରୀଡା ଉତ୍ସବ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ନେତ୍ରାନନ୍ଦ ସାହୁ ମହିଳା ସ୍ନାତକ ମହାବିଦ୍ୟାଳୟ

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**କାକଟପୁର/ଗମ୍ଭାରିପଦା,୨୬।୧୨(ସମିସ):** କାକଟପୁର ନେତ୍ରାନନ୍ଦ ସାହୁ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ସରୋଜିନୀ ପରିଡ଼ାଙ୍କ ସଭାପତିତ୍ୱରେ 'ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନ, ମୁଖ୍ୟବକ୍ତା କାକଟପୁରର ଅଞ୍ଚଳ ଅଧିକାରୀ ଅଙ୍କିତା ଅନିନ୍ଦିତା, ସମ୍ମାନିତ ଅତିଥି ମହାବିଦ୍ୟାଳୟର ପ୍ରଶାସନିକ ଅଧ୍ୟାପକ ଦୁର୍ଯ୍ୟୋଧ କୁମାର ବିଶ୍ୱାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ସହ ଓଡ଼ିଶାର ବିକାଶରେ ଯୁବଶକ୍ତିର ଭୂମିକା



ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପିକା ବିଷ୍ଣୁପ୍ରିୟା ରଥ, ସାଗରିକା ବିଶ୍ୱାଳ, ଜୟଶ୍ରୀ ସାହୁ, ସସ୍ମିତା ସାହୁ, ସାଗରିକା ନାୟକ, ଚନ୍ଦନା ପଟ୍ଟନାୟକ ଓ ସୋନାଲି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ମହାନ୍ତି, ସତ୍ୟଜିତ ଦାଶ, ନନ୍ଦକିଶୋର ସାହୁଙ୍କ ସମେତ ସମସ୍ତ କର୍ମଚାରୀଙ୍କ ସହଯୋଗରେ ଉଦ୍‌ଘାଟନୀ ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

## ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରତିଷ୍ଠା ଦିବସ

# 'ବିଜେଡି ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ'

**ପୁରୀ,୨୬।୧୨(ସମିସ)**



ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ାଠାରେ ମଙ୍ଗଳବାର ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ବ୍ରହ୍ମଗିରି ଅଲାରନାଥଙ୍କଠାରୁ ବାଇକ୍ ଶୋଭାଯାତ୍ରା ବାହାରି ସାତପଡ଼ା ଠାରେ ପହଞ୍ଚି ସାତପଡ଼ା ପାର୍କରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ସଭା ଆରମ୍ଭ ପୂର୍ବରୁ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଅଜୟ କୁମାର ଜେନା ଏବଂ ବରିଷ୍ଠ ନେତା ବିରଞ୍ଚି ନାରାୟଣ ଦାସଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଶ୍ରୀ ଦାସବର୍ମା କହିଥିଲେ ଯେ, ବିଜୁବାବୁଙ୍କ ଆଦର୍ଶରେ ଆରମ୍ଭ ହୋଇଥିବା ବିଜୁ ଜନତା ଦଳ ଆଜି ଏକ ସାମାଜିକ ଆନ୍ଦୋଳନରେ ପରିବର୍ତ୍ତନ ହୋଇ ସାଢେ ୪ କୋଟି ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ପାଲଟିଛି । ୨୭ ବର୍ଷ ମଧ୍ୟରେ ବିଜୁ ଜନତା ଦଳ ଓଡ଼ିଶାର ସାମାଜିକ-ଅର୍ଥନୈତିକ ପ୍ରଗତିର ପ୍ରମୁଖ ମାଧ୍ୟମ ପାଲଟିଛି । ବ୍ରହ୍ମଗିରିର ବିକାଶ ଓ ଉନ୍ନତି ପାଇଁ ବିଜୁ ଜନତା ଦଳ ସବୁବେଳେ ପ୍ରତିବଦ୍ଧ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହିତ ଏକ ସଶକ୍ତ ଓଡ଼ିଶାର ଗଠନର ନିର୍ମାଣ ପାଇଁ ପ୍ରତିଜ୍ଞା କରିବା ଲାଗି ସେ ବ୍ରହ୍ମଗିରି ବିଜୁ ପ୍ରେମୀଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଯୁବ ଜନତାଦଳ ଦଳର ସଭାପତି ଦିଲ୍ଲିପ ରଣସିଂହ ଧନ୍ୟବାଦ ଦେଇଥିଲେ ।

କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ରତ୍ନବାଳା ବେହେରା, ମାଳିନୀ ଦାଳାଇ, ସରୋଜିନୀ ତରେଇ, ଶକୁନ୍ତଳା ଗଡ୍ଡୁ, ଦିବାକର ପାତ୍ର, ଜମ୍ବେଶ୍ୱର ସାହୁ, ସନ୍ଦିପ କୁମାର ଜେନା, ଯୁଧିଷ୍ଠିର ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, କେଦାର ଜେନା, ପ୍ରଫୁଲ୍ଲ ଜେନା, ରମେଶ ପଲେଇ, ନୁନୁ ମିଶ୍ର, କାର୍ତ୍ତବିର୍ଯ୍ୟ ସ୍ୱାଇଁ, ଜୟନ୍ତ କୁମାର ମହାନ୍ତି, ବିଜୟ କୁମାର ଦଳେଇ, ଜ୍ଞାନ ଚନ୍ଦ୍ର ପ୍ରଧାନ, ଅଶୋକ ଦଳାଇ, ଅନିଲ କୁମାର ସାହୁଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧ ଓ ପ୍ରମୁଖ ମହିଳା ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ପାଞ୍ଚକୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ



**ନିମାପଡା,୨୬।୧୨(ସମିସ):** ନିମାପଡା ଡ୍ରେନେଜ୍ ବିଭାଗ ତରଫରୁ ନିର୍ମାଣ ହେବାକୁ ଥିବା ୫ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପର ଶିଳାନ୍ୟାସ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ହୋଇଯାଇଛି। ଏନଏସି ଅନ୍ତର୍ଗତ ଅଣ୍ଡିଆ ସାହି ଓମଫେଡ କଲୋନୀଠାରୁ ଆରମ୍ଭ ହୋଇ ମୁଗେଇ ନଦୀରେ ଜଳ ନିଷ୍କାସନ ପାଇଁ କିଆକଣ୍ଟା, ନିକଟରେ ଚେକ୍‌ଡ୍ୟାମ ସହିତ ଫୁଟଓଭର ବ୍ରିଜ୍ ଓ ଅନ୍ଧୁଆର ପଞ୍ଚାୟତ ଦଳେଇସାହିଠାରେ ଚେକ୍‌ଡ୍ୟାମ ସହିତ ଫୁଟବ୍ରିଜ, ଡ୍ରେନେଜ୍ ନିର୍ମାଣ କରାଯିବାକୁ ବିଭାଗ ତରଫରୁ ୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବିଧାୟକ ଶ୍ରୀ ଦାଶଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ଏନଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାଉନସିଲର କବିତା ପ୍ରଧାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ଟ୍ରେନ୍ ଧକ୍କାରେ ଗ୍ରାମରକ୍ଷୀ ମୃତ

ଡେଲାଙ୍ଗ,୨୬।୧୨(ସମିସ): ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଧିନରେ କାର୍ଯ୍ୟରତ ଗ୍ରାମରକ୍ଷୀ ଯୋଗେନ୍ଦ୍ର ମଲ୍ଲିକ୍(୫୮)ଙ୍କ ଟ୍ରେନ୍ ଧକାରେ ମୃତ୍ୟୁ ଘଟିଛି। ତାଙ୍କ ଘର ଡେଲାଙ୍ଗ ଥାନା ଅଧିନ ମାଣିତ୍ରୀ ରେଙ୍ଗଲପାଟଣା ଗ୍ରାମରେ। ସେ ମଙ୍ଗଳବାର ଅରାଗଡ ସନ୍ନିକଟ ରେଳ ଧାରଣାର ଦୟାନଦୀ ବ୍ରିଜ୍ ଲାଇନ୍ ପାର ହେଉଥିଲେ। ସେହି ସମୟରେ ପୁରୀ- ନୂଆଦିଲ୍ଲୀ ନୀଳାଚଳ ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିଆର୍‌ପି ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଜଟଣୀ ପଠାଇଛି। ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

# ଖବର ପ୍ରକାଶ ପରେ ମରାମତି ହେଲା ନଳକୂପ



**ନୟାହାଟ,୨୬।୧୨(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତ ପାଞ୍ଚଣା ଗ୍ରାମ ହରିଜନସାହିରେ ମାସେ ହେଲା ନଳକୂପ ଅଚଳ ହୋଇପଡିଥିଲା। ଏନେଇ ପୂର୍ବତନ ସରପଞ୍ଚ କୁଳମଣି ମଳିକ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ମିଳିନଥିଲା। ଫଳରେ ୫୦ରୁ ଊର୍ଦ୍ଧ୍ୱ ପରିବାର ପାଣି ପାଇଁ ଅସୁବିଧା ଭୋଗୁଥିଲେ। ସେ ସକାଳ ପ୍ରତିନିଧିଙ୍କୁ ଜଣାଇବା ପରେ ଏକ ଖବର ଗତ ୨୩ ସଂସ୍କରଣରେ ପ୍ରକାଶ ପାଇଥିଲା। ଏହାକୁ ସମାଜସେବୀ ଅମୀୟ ରଞ୍ଜନ ବାରିକ ବିଭାଗୀୟ ଅଧିକାରୀଙ୍କୁ ଟୁଇଟ୍ କରି ଜଣାଇଥିଲେ। ଖବର ପ୍ରକାଶ ପରେ ସୋମବାର ଦିନ ବିଭାଗ ପକ୍ଷରୁ ଏହାର ମରାମତି କରାଯାଇଛି। ଫଳରେ ଗାଁରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ଦୂର ହୋଇଛି।


**BHUBANESWAR MUNICIPAL CORPORATION** C-2199

e-Procurement Notice

e-Mail: eebmcdiv3@gmail.com

No. 6514/ Dt. 22.12.2023

XI-PW.Div-III-04/23

On behalf of the Commissioner, Bhubaneswar Municipal Corporation, Executive Engineer-III, BMC invites Percentage Rate Bids for the work mentionedbelowthroughe-Procurement in conformity with the terms and conditions of the Detailed Tender Call Notice (DTCN) from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website www.tendersodisha.gov.in by eligible bidders.

1. No. of works: 9 (Nine) Nos
2. Estimated cost- Rs. 7,39,962/- & Rs. 35,53,396/-
3. Class of contractor- "D" to "B" Class
4. Period of completion:30(Thirty) to 90 (Ninety) Calendar Days.
5. Date and Time of Availability of Bid document in the portal: From 11.00 AM of 27.12.2023 to 05.00 PM of 08.01.2024
6. Last date/Time of submission of bids in the portal: 05.00 PM of 08.01.2024
7. Date of opening of Bid from Portal: 11.30 AM of 09.01.2024

Tender details can be seen for the e-Procurement portal https://www.tendersodisha.gov.in & BMC Website https:// www.bmc.gov.in

Executive Engineer
BMC Division - III

OIPR-13002/11/0239/2324



i-547

e-mail– ori-Bonaigarh@nic.in

**GOVERNMENT OF ODISHA,**
**PANCHAYAT SAMITI OFFICE, BONAIGARH, DIST- SUNDARGARH**
**TENDER CALL NOTICE NO. OF 2023-24**
**Letter No. – 4087 Date: 22.12.2023**

The Block Development Officer, Bonaigarh, Sundargarh on behalf of Governor of Odisha invites in "OFFLINE MODE Percentage Rate bids" in sealed cover for the following work from the class of eligible contractors as mentioned in Column-7 (seven) registered with the State Governments having validity of Civil License and contractors of equivalent Grades/Class Registered with Central Government/ MES/ Railways and other state government having validity of Civil License for execution of Building Works (including EI & PH). The proof of registration from the appropriate authority shall be enclosed along with the Bid. The eligible contractors of the state P.W.D. (R&B)/ Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. P1 forms in conformity with the Detailed Tender Call Notice. The bidders may submit bids for the following work.

| Sl. No | Name of the Work | Amount put to Tender in Rs.(Excluding GST) | Cost of Tender paper (Non-refundable) in Rs. | Bid security (1%) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Repair and Upgradation of Jadupati Higher secondary School, Sihidiha | Rs 25,21,405/- | Rs 6,000.00 | Rs 25,214.00 | 3 (Three) Months | 'C'&'D' Class only |

The Bid documents and detailed terms and conditions can be downloaded from the District website www.sundergarh.nic.in.

1. Date and time for download Tender Paper: From Dt. 26.12.2023 to 05.01.2024.
2. Last Date of Receipt of Tender Paper: Dt. 08.01.2024 (5.00 P.M.)
3. Date of Opening of Tender Paper: Dt. 09.01.2024 (11.00 A.M.)

OIPR-19333/11/0005/2324


## ନିମାପଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସଂଗୀତ, ହାସ୍ୟରସରେ ଦର୍ଶକ ବିଭୋର

**ନିମାପଡା,୨୬।୧୨(ସମିସ):** ନିମାପଡା ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ଦିନ। ହେଲ୍ପ ଲାଇନ୍ ଓ ମହୋତ୍ସବ କମିଟି ପକ୍ଷରୁ ମୁକ୍ତାକାଶ ମଞ୍ଚରେ ଆୟୋଜିତ ଦ୍ୱିତୀୟ ସନ୍ଧ୍ୟାରେ ହାସ୍ୟରସ ସହ ନୃତ୍ୟ ଓ ସଂଗୀତ ଶୀତ ସତ୍ତ୍ୱେ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଅତିଥିଭାବେ ମହୋତ୍ସବ କମିଟିର ସଭାପତି ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପ-ନଗରପାଳ ସନ୍ତୋଷ ଦାଶ, ହାସ୍ୟ ଅଭିନେତା ନନ୍‌ସେନ୍ସ ମଣି, ମହୋତ୍ସବ କମିଟି ସମ୍ପାଦକ ନିଗମାନନ୍ଦ ସାହୁ, ହେଲ୍ପ ଲାଇନର ସଭାପତି ଅକ୍ଷୟ କୁମାର ସାହୁ ଯୋଗଦେଇ ଏହି ମହୋତ୍ସବ ଏକ ଗଣପର୍ବରେ ପରିଣତ ହୋଇଛି ବୋଲି କହିଥିଲେ। ଏହି ଅବସରରେ ଅଞ୍ଚଳର ୪ଜଣ ବିଶିଷ୍ଟ ବ୍ୟକ୍ତି ଶରତ ସିଂଦେଓ, ମହେନ୍ଦ୍ର ସିଂ ଭାଟିଆ, ସଦାଶିବ ସାହୁ, ରାଜକିଶୋର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ ପାୟଲ ଡ୍ୟାନ୍ସ ଏକାଡେମୀ କଟକ ପକ୍ଷରୁ ଶିବ ତାଣ୍ଡବ, ଆଦି ନୃତ୍ୟକଳା ଏକାଡେମୀ କୋଲକତା ପକ୍ଷରୁ କ୍ରିଏଟିଭ ନୃତ୍ୟ, ଗଡମେକର ଡ୍ୟାନ୍ସ ଏକାଡେମୀ କେନ୍ଦ୍ରାପଡା ପକ୍ଷରୁ କ୍ରିଏଟିଭ ନୃତ୍ୟ, ଶ୍ରୀରାମ ନାଟ୍ୟ ସଂସଦ ବାଙ୍କୀ ପକ୍ଷରୁ ଲଉଡି ନୃତ୍ୟ ପରିବେଷଣ କରାଯାଇଥିଲା। ହାସ୍ୟ ଅଭିନେତା ମଣିଙ୍କ କମେଡିରେ ଉପସ୍ଥିତ ଦର୍ଶକ ବେଦମ ହସିଥିଲେ। ପ୍ରତାପ ରାଉତ ମଞ୍ଚ ସଂଯୋଜନା କରିଥିଲେ।



# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ

**ଡେଲାଙ୍ଗ,୨୬।୧୨(ସମିସ):** ଡେଲାଙ୍ଗ ବ୍ଲକର ପୁରାତନ କ୍ରିକେଟ ପ୍ରେମୀ ଓ ଖେଳାଳିମାନଙ୍କୁ ନେଇ ଇନ୍ଦିପୁର କଲ୍ୟାଣମଣ୍ଡପ ସାମ୍ନା ଖେଳ ପଡିଆରେ ଲିଜେଣ୍ଡ କ୍ରିକେଟ ବ୍ରଦର୍ସ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ସହ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ସମସ୍ତ ଖେଳାଳିମାନଙ୍କୁ ନେଇ ୪ଟି ଦଳ ଗଠନ କରାଯାଇଥିଲା। ସମସ୍ତେ ମିଶି ଇନ୍ଦିପୁର ବଜାର ପରିକ୍ରମା କରିବା ସହିତ ନିତିଦିନ ଗୋଟିଏ ଚାରା ରୋପଣ ପୂର୍ବକ ପ୍ରକୃତିକୁ ବଞ୍ଚାଇବା ଅବଶ୍ୟକ ବୋଲି ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ଡେଲାଙ୍ଗ ଲିଜେଣ୍ଡ କ୍ରିକେଟ ବ୍ରଦର୍ସର ସମସ୍ତ ସଦସ୍ୟ କଲ୍ୟାଣମଣ୍ଡପ ପରିସର ସହିତ ଇନ୍ଦିପୁର-ଧାନକେରା ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ପରିଡା, ଇନ୍ଦ୍ରଜିତ ପରିଡା, ସୌମ୍ୟରଞ୍ଜନ ଜେନା, ଧର୍ମେନ୍ଦ୍ର କୁଅଁର ପ୍ରମୁଖଙ୍କ ସମେତ ଇନ୍ଦିପୁର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ

# ସମୃଦ୍ଧ, ସଶକ୍ତ, ସ୍ୱାଭିମାନ ଓ ନବୀନ ଓଡ଼ିଶା ଗଠନ ପାଇଁ ଶପଥ

ନୟାଗଡ଼,୨୬।୧୨(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୟାଗଡ଼ ବ୍ଲକ୍ ଓ ପୌରାଞ୍ଚଳର ଯୁବକମାନଙ୍କୁ ନେଇ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଏକ ବିଶାଳ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୟାଗଡ



ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଦୌଡ଼ରେ ୧୦ ହଜାର ଯୁବକ ସାମିଲ ହୋଇଥିଲେ। ଦକ୍ଷିଣକାଳୀ ପଡ଼ିଆଠାରୁ ଗଣଦୌଡ଼ ଆରମ୍ଭ ହୋଇ ବଲାଙ୍ଗୀ ପାର୍କଠାରେ ଶେଷ ହୋଇଥିଲା। ବିଧାୟକ ଡ. ସାହୁ ସମସ୍ତ ଯୁବକଙ୍କୁ ଶପଥ ପାଠ କରାଇଥିଲେ। ମୁଁ ବିଜୁ ଜନତା ଦଳର ଜଣେ ସକ୍ରିୟ ଓ ଶୃଙ୍ଖଳିତ ସଭ୍ୟ ଭାବେ ନିଜକୁ ଗର୍ବ ଅନୁଭବ କରେ। ଓଡ଼ିଶା ବିକାଶର ସାରଥୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସୈନିକ ହିସାବରେ କାର୍ଯ୍ୟ କରିବି। ରାଜ୍ୟର ବିକାଶ ପାଇଁ ସଂଗ୍ରାମ କରିବି। ଆଜିର ୨୭ତମ ପ୍ରତିଷ୍ଠା ଦିବସରେ ଶପଥ କରୁଛି କି ଓଡ଼ିଶାର ସ୍ୱାର୍ଥ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ସହ ଏକ ସମୃଦ୍ଧ, ସଶକ୍ତ, ସ୍ୱାଭିମାନ ଓ ନବୀନ ଓଡ଼ିଶା ଆମ ଓଡ଼ିଶାରେ ସାମିଲ ହେବି ବୋଲି ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନୟାଗଡ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ବିଜୁ ମହିଳା ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଗଙ୍ଗାଧର ପଣ୍ଡା, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ନୟାଗଡ଼ ବ୍ଲକ୍ ବିଜେଡି ସଭାପତି ଅଜିତ୍ ପ୍ରସାଦ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

### ଭାପୁର

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ବ୍ଲକ୍ ସଭାପତି ଶିବପ୍ରସାଦ ଷଡ଼ଙ୍ଗୀ ଓ କାର୍ଯ୍ୟକାରୀ ସଭାପତି ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳଙ୍କ ନେତୃତ୍ୱରେ ୬୦୦ ଯୁବକ ପଥରଚକଡ଼ା ପଞ୍ଚାୟତ ପ୍ରସିଦ୍ଧ ନାରାୟଣୀ ମନ୍ଦିରଠାରୁ ସାଇକଲ୍ ଶୋଭାଯାତ୍ରାରେ ବାହାରି କେନ୍ଦୁପଲ୍ଲୀ, ବାଉଁଶବାଟୀ, ରାକମା, କଇଁଫୁଲିଆ ପଞ୍ଚାୟତ ଦେଇ ଭାପୁର ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ପ୍ରତି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପଞ୍ଚାୟତ ସଭାପତି, ଯୁବ ସଭାପତି, ଛାତ୍ର ସଭାପତି ଭାଗ ନେଇଥିଲେ। ସଭାରେ ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ। ସମସ୍ତେ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଓ ଦଳକୁ ମଜଭୁତ କରିବାକୁ ଶପଥ ନେଇଥିଲେ। ଏହାପରେ ପ୍ରତି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ମହୋତ୍ସବ ପଡିଆରେ ଗୋଟିଏ ଗୋଟିଏ ଚାରାରୋପଣ କରିଥିଲେ।

### ଗଣିଆ

ଗଣିଆ ବ୍ଲକରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା କନ୍ଧମାଳ ସାଂସଦଙ୍କ ଗଣିଆ ବ୍ଲକ୍ ପ୍ରତିନିଧି ଶେଷଦେବ ସ୍ୱାଇଁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଜାନକୀ ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଗଣିଆ ବଜାର ଗାନ୍ଧୀ ମଣ୍ଡପଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କିଶୋରପ୍ରସାଦ ପଞ୍ଚାୟତର କିଶୋରପ୍ରସାଦଠାରୁ ଗଣିଆ ବ୍ଲକ୍ ଛକ ପର୍ଯ୍ୟନ୍ତ ସାଇକଲ୍ ଶୋଭାଯାତ୍ରାକୁ ବିଧାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ବିଧାୟକ ରମେଶ ଚନ୍ଦ୍ର ବେହେରା ଶତାଧିକ ବିଜୁ ଜନତା ଦଳ କର୍ମୀଙ୍କ ସହସାଇକଲ୍‌ଶୋଭାଯାତ୍ରାରେସାମିଲହୋଇଗଣିଆବ୍ଲକ୍‌ଛକପର୍ଯ୍ୟନ୍ତଆସିଥିଲେ।

### ଦଶପଲ୍ଲା




ଦଶପଲ୍ଲା ବିଜୁ ଜନତା ଦଳ ପକ୍ଷରୁ ନେତାଜୀ ମଇଦାନଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସଂଯୁକ୍ତା ଦାଶଗୁପ୍ତା, ବସନ୍ତ ପ୍ରଧାନ, ହରିଶ୍ଚନ୍ଦ୍ର ଜାନୀ, ଦଶପଲ୍ଲା ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ, ଗଣିଆ ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା, ନୂଆଗାଁ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଦିଲ୍ଲୀପ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଧାୟକ ଦଳୀୟ କର୍ମକର୍ତ୍ତା ଏବଂ କର୍ମୀ ନବୀନ ଓଡ଼ିଶା ଶପଥ ପାଠ କରାଇଥିଲେ। ମେଡିକାଲ ଛକଠାରେ ଅନୁଷ୍ଠିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଛି। ସମାନ ଭାବରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ଡାକ୍ତରଖାନାରେ ଫଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଅଧିକାର ବୃଦ୍ଧାଶ୍ରମରେ ମଧ୍ୟ ଫଳ ବଣ୍ଟନ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷା ପୂନମ ପ୍ରିୟଦର୍ଶିନୀ, ପ୍ରଦୋଷ ଜେନା, ବରିଷ୍ଠ ନାଗରିକ ପ୍ରାଣକୃଷ୍ଣ ବେହେରା, ପ୍ରମୋଦ ସୁବୁଦ୍ଧି ଏବଂ ଅନ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଓଡ଼ଗାଁ



ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଓଡ଼ଗାଁ ସରକାରୀ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ମହିଳା ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ମୀରା ନାୟକ, ସମବାୟ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ, ଏନ୍‌ଏସି ମହିଳା ସଭାପତି ବିଜୟଲକ୍ଷ୍ମୀ ଆଚାରୀ, ପୂର୍ବତନ ସରପଞ୍ଚ ଦିବାକର ନାୟକ, ଯୁବ ବିଜେଡି ସଭାପତି ପ୍ରଭାତ ଅଧିକାରୀ, ବିନାୟକ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆଞ୍ଚଳିକ ଦଳ ମଧ୍ୟରେ ବିଜେଡି ଦେଶରେ ସଫଳତାର ଶୀର୍ଷରେ ବୋଲି ବିଧାୟକ ଡ. ସାହୁ କହିଥିଲେ। ଅନ୍ୟପକ୍ଷେ ଜାନୁଆରୀରେ ପ୍ରତ୍ୟକ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ନବୀନ ପଟ୍ଟନାୟକଙ୍କୁ ଦୀର୍ଘତମ ଶାସନ କରିଥିବା ମୁଖ୍ୟମନ୍ତ୍ରୀ ଭାବରେ ପରିଗଣିତ କରିବା ପାଇଁ ଏକ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ ଓ ସମାଜସେବୀ ବିଭୁପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଖଣ୍ଡପଡ଼ା

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଖେଳ ପଡ଼ିଆରେ ମଙ୍ଗଳବାର ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୁ ଜନତା ଦଳ ଖାଲି କାମରେ ନୁହେଁ ପ୍ରମାଣରେ ବିଶ୍ୱାସ କରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥୀ ରୂପେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ବ୍ଲକ୍ ମହିଳା ବିଜେଡ଼ି ସଭାନେତ୍ରୀ ମିନତୀ ସାହୁ, ଯୁବ ବିଜେଡ଼ି ସଭାପତି ମନୋରଞ୍ଜନ ବେହେରା, ଛାତ୍ର ସଭାପତି ବିକ୍ରମ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ, ଅଖିଳ କୁମାର ପଣ୍ଡା, ମାଧବ ଚନ୍ଦ୍ର ସାହୁ, ଅଳକା ମିଶ୍ର, ସରୋଜିନୀ ଦାଶଙ୍କ ସମେତ ୨୨ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି, ସଭାପତି ମଞ୍ଚ ଉପରେ ଉପସ୍ଥିତଥିଲେ। ତେବେ ଏହି ପ୍ରତିଷ୍ଠା ଦିବସରେ ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ଖଣ୍ଡପଡ଼ା ସହରାଞ୍ଚଳ ଏବଂ ସମସ୍ତ ପଞ୍ଚାୟତରୁ ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିବା ଦେଖିବାକୁ ମିଳିଥିଲା।

ସେହିପରି ଖଳିସାହି ସ୍ଥିତ ତୋଟା ହନୁମାନ ପରିସରରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଥିଠଲା। ପୂର୍ବତନ ବ୍ଲକ୍ ବିଜେଡ଼ି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂହଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଦୁଇ ହଜାରରୁ ଉର୍ଦ୍ଧ୍ୱ ଛାମୁଆ କର୍ମୀ ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥୀ ଭାବେ ବିଜେଡି ଯୁଗ୍ମ ସମ୍ପାଦକ ହରିଶଙ୍କର ରାଉତରାୟ, ଶିଶିର ପରିଜା, ମୁଖପାତ୍ର ଓମ୍ ପ୍ରକାଶ ସାହୁ, ଅଖିଳ କୁମାର ମହାରଣା, ରମାକାନ୍ତ ସେଠୀ, ଶରତ କୁମାର ସାହୁ, ସନ୍ତୋଷ ତ୍ରିପାଠୀ, ନବକିଶୋର ସାହୁ, ସର୍ବେଶ୍ୱର ସ୍ୱାଇଁ, ରାମକୃଷ୍ଣ ବେହେରା, ନାରାୟଣ ଜେନା, ଜନ୍ମେଜୟ ନାୟକ, ସଞ୍ଜୟ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



---

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

# ‘ଭାବ ଓ ଭକ୍ତିମୟ ପରିବେଶରେ ନିମନ୍ତ୍ରଣ’

ନୟାଗଡ଼,୨୬।୧୨(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୁରୀ ଶ୍ରୀ ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ



ରାଜ୍ୟର ବିଭିନ୍ନ ଦେବଦେବୀଙ୍କୁ ନିମନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଜି ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ପଠାଯାଇଥିବା ନିମନ୍ତ୍ରଣପତ୍ର ନୟାଗଡ଼ରେ ପହଞ୍ଚିଛି। ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ନୟାଗଡ଼ ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ଉପସ୍ଥିତ ରହି ନିମନ୍ତ୍ରଣ ନେଇ ଆସିଥିବା ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୁରୀ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ନୋଡାଲ ଅଧିକାରୀ ବିକ୍ରମ କେଶରୀ ପ୍ରଧାନ, ସୋମନାଥ ପ୍ରତିହାରୀ, ନାରାୟଣ ପ୍ରତିହାରୀ, କଳିଯୁଗ ହରେକୃଷ୍ଣ ପ୍ରତିହାରୀ ନିମନ୍ତ୍ରଣ ଧରି ଆସିଥିଲେ। ନୟାଗଡ଼ ଦକ୍ଷିଣ କାଳୀ ମନ୍ଦିର ଠାରୁ ସଂକୀର୍ତ୍ତନ କରାଯାଇ ପଟୁଆରରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଶହଶହ ସଂଖ୍ୟାରେ ପୁରୁଷ ଓ ମହିଳା ସ୍ୱାଗତ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।

ନୟାଗଡ଼ ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚାରୁ କୁମାର ବଳ, ନୟାଗଡ଼ ବିଡିଓ ପଦ୍ମଚରଣ ସାହୁ, ତହସିଲଦାର ରାଜେଶ କୁମାର ସ୍ୱାଇଁ, ପୌରପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ପୌର ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଆସିଥିବା ସେବାୟତ ନୟାଗଡ଼ ଜଗନ୍ନାଥ ମନ୍ଦିରକୁ ଯାଇ ଠାକୁରଙ୍କୁ ନିମନ୍ତ୍ରଣ କରିଥିଲେ। ତତ୍‌ସହିତ ଆସିଥିବା ସେବାୟତ ପ୍ରତିହାରୀ ଭଜନ ମଣ୍ଡପଠାରେ ନିମନ୍ତ୍ରଣ କରିଥିଲେ। ନୟାଗଡ଼ ଜଗନ୍ନାଥ ମନ୍ଦିର ପରିଚ୍ଛା ପ୍ରଭାକର ମିଶ୍ର, ବଡ଼ପଣ୍ଡା କୁଳମଣି ପଣ୍ଡା, ରଣପୁର ଜଗନ୍ନାଥ ମନ୍ଦିର ସେବାୟତ ପ୍ରଫୁଲ୍ଲ ନନ୍ଦ ଓ ପରିଚାଳକ ରମେଶ ପ୍ରଧାନ, ସଦସ୍ୟ ନାରାୟଣ ମହାପାତ୍ର ନିମନ୍ତ୍ରଣ ଗ୍ରହଣ କରିଥିଲେ। ପୁରୀ ସହିତ ନୟାଗଡ଼ ଜିଲ୍ଲାର ନିବିଡ଼ ସମ୍ପର୍କ ରହିଛି ବୋଲି ବିଧାୟକ ଡ. ସାହୁ କହିଥିଲେ। ମହାପ୍ରଭୁଙ୍କ ଆଜ୍ଞାରେ ମୁଖ୍ୟମନ୍ତ୍ରୀ ଓ ‘୫-ଟି’ ଅଧ୍ୟକ୍ଷ ଦାୟିତ୍ୱ ସହକାରେ ନିର୍ମାଣ କରିଥିବା ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନୟାଗଡ଼ ଜଗନ୍ନାଥ ମନ୍ଦିରଠାରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଆଶୁତୋଷ ମିଶ୍ର ଉକ୍ତ ଭଜନ ସମାରୋହ ସଂଯୋଜନା କରିଥିଲେ।

---

**• ପଞ୍ଚୁପଲ୍ଲୀପ୍ରଗଣା ପ୍ରିମିୟର ଲିଗ୍**

# ବିଜେଡିପି, ମଣିନାଗ ରୟାଲ କିଙ୍ଗ୍ ଓ ଗୁପ୍ତେଶ୍ୱର ୱାରିୟର୍ସ ବିଜୟୀ

ଗଣିଆ,୨୬।୧୨(ସମିସ): ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତର ଯୁବ କ୍ରିକେଟ ଖେଳାଳୀମାନଙ୍କ ପ୍ରଚେଷ୍ଟାରେ ଚଳିତ ମାସ ୨୪ ତାରିଖରୁ ବେଣ୍ଟପଡ଼ାସ୍ଥିତ ଗୁପ୍ତେଶ୍ୱର ବିଦ୍ୟାପୀଠ ଖେଳପଡ଼ିଆ ପରିସରରେ ପଞ୍ଚୁପଲ୍ଲୀପ୍ରଗଣା ପ୍ରିମିଅର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ଏହି ଟୁର୍ଣ୍ଣାମେଣ୍ଟର ୩ୟ ଦିବସର ଲିଗ୍ ମ୍ୟାଚ୍‌ରେ ବିଜେଡିପି ସୁପର ଷ୍ଟ୍ରାଇକରସ୍, ମଣିନାଗ ରୟାଲ କିଙ୍ଗ୍ ଓ ଗୁପ୍ତେଶ୍ୱର ୱାରିଅର ବିଜୟୀ ହୋଇଛି। ମଙ୍ଗଳବାର ପ୍ରଥମ ମ୍ୟାଚ୍‌ରେ ବିଜେଡିପି ସୁପର ଷ୍ଟ୍ରାଇକରସ୍ ୧୯ ରନ୍‌ରେ କମାଣ୍ଡୋ ଇଲେଭନକୁ ହରାଇ ବିଜୟୀ



ହୋଇଥିଲା। ବିଜେଡିପି ସୁପର ଷ୍ଟ୍ରାଇକରସ୍ ନିର୍ଦ୍ଧାରିତ ୧୦ ଓଭରରେ ୯ ୱିକେଟ ହରାଇ ୧୦୪ ରନ୍ ସଂଗ୍ରହ କରିଥିଲା। ୧୦୪ ରନ୍‌ର ପିଛା କରି କମାଣ୍ଡୋ ଇଲେଭନ ସମସ୍ତ ୱିକେଟ ହରାଇ ୮୪ ରନ୍ ସଂଗ୍ରହ କରିଥିଲା। ସେହିପରି ୨ୟ ମ୍ୟାଚ୍‌ରେ ଫାଣ୍ଟମ୍ ଫାଇଟରସ୍ ନିର୍ଦ୍ଧାରିତ ୧୦ ଓଭରରେ ୬୬ ରନ୍ ସଂଗ୍ରହ କରିଥିଲେ। ଜବାବରେ ମଣିନାଗ ରୟାଲ କିଙ୍ଗ୍ ଖେଳାଳୀମାନେ ୬୭ ରନ୍ ସଂଗ୍ରହ କରି ୪ ୱିକେଟରେ ବିଜୟୀ ହୋଇଥିଲେ। ଦିବସର ୩ୟ ମ୍ୟାଚ୍‌ରେ ରେବେଲ ରାଇଡର୍ସଙ୍କୁ ୬ ୱିକେଟରେ ହରାଇ ଗୁପ୍ତେଶ୍ୱର ୱାରିଅର ବିଜୟୀ ହୋଇଥିଲା। ୩ଟି ମ୍ୟାଚ୍‌ରେ କିଶୋର ବେହେରା, ସମିର କୁମାର ବେହେରା ଓ ଅମରେଶ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଆଜିର ମ୍ୟାଚ୍‌ରେ ଗଣିଆ ସାମ୍ବାଦିକ ସଂଘର ସଭାପତି ବିଶ୍ୱରଞ୍ଜନ ସେଠୀ ଓ ଇଶ୍ୱରପୁର ଗ୍ରାମ ସଭାପତି ଗୋଲେଖ ବିହାରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଗଣିଆ ସାମ୍ବାଦିକ ସଂଘର ସମ୍ପାଦକ କମଳଲୋଚନ ଦଳେଇ, ଉପଦେଷ୍ଟା ସୁରେଶ କୁମାର ସାହୁ, ପ୍ରତାପ କୁମାର ରାଉତ, ସଭ୍ୟ ବିଜୟାନନ୍ଦ ତରେଇ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଥର ପାଇଁ ଛାମୁଣ୍ଡିଆ ପଞ୍ଚାୟତର ପ୍ରାୟ ୨୪ଟି ଗ୍ରାମର ଯୁବକ୍ରୀଡ଼ା ପ୍ରତିଭାମାନଙ୍କୁ ନେଇ ଚଳିତ ବର୍ଷ ପଞ୍ଚୁପଲ୍ଲୀପ୍ରଗଣା ପ୍ରିମିଅର ଲିଗ୍ ଆୟୋଜିତ ହୋଇଥିବାରୁ ପ୍ରତ୍ୟହ ଖେଳ ଦେଖିବାକୁ ୪ଶହରୁ ଉର୍ଦ୍ଧ୍ୱ ଖେଳପ୍ରେମୀ ଖେଳକୁ ଉପଭୋଗ କରୁଥିବା ଦେଖାଯାଇଥିଲା।

---

# ବାବା ଗୁପ୍ତେଶ୍ୱର କ୍ରିକେଟ୍; ଭୋଗଡ଼ା ଚାମ୍ପିଅନ

ଭାପୁର,୨୬।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଧାନଚାଙ୍ଗଡ଼ା ପଞ୍ଚାୟତ ଭୋଗଡ଼ା ଗ୍ରାମର ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୨୭ତମ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭୋଗଡ଼ା ଦଳ ବରୁଣେଇ କ୍ରିକେଟ କ୍ଲବ୍ କଣ୍ଟିଲୋକୁ ୪ ୱିକେଟରେ ପରାସ୍ତ କରି ଚମ୍ପିଅନ୍ ହୋଇଛି। ଟସ୍ ଜିତି କଣ୍ଟିଲୋ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୬୪ ରନ୍‌ରେ ସିମୀତ ରହିଥିଲା। ଏହାର ଜବାବରେ ଆୟୋଜକ ଭୋଗଡ଼ା ଦଳ ୧୪ ଓଭରରେ ୬ ୱିକେଟ୍ ହରାଇ ୬୯ ରନ୍ କରି ୪ ୱିକେଟ୍‌ରେ ବିଜୟୀ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଗୋପାଳ ନାୟକ ଓ ସ୍ୱାଧିନ ଧଳ। ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସରପଞ୍ଚଙ୍କ ପ୍ରତିନିଧି ମୁନା ବିଶାଳ ଓ ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ଜାଲ ଯୋଗଦେଇଥିଲେ। ଅତିଥିମାନେ ବିଜୟୀ ଭୋଗଡ଼ା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସଅପ୍ କଣ୍ଟିଲୋ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ।

---

**ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା**

# ପ୍ରଗତି ପଥରେ ଆଗେଇଛି ନୟାଗଡ଼ ଜିଲ୍ଲା

ନୟାଗଡ଼,୨୬।୧୨(ସମିସ): ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଭାପୁର ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଦଶପଲ୍ଲା ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ଏହି ବୈଠକରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ଏବଂ ନୟାଗଡ଼ ଜିଲ୍ଲାର କଳା, ସଂସ୍କୃତି ଓ ଐତିହ୍ୟ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି କିଶୋର ଚନ୍ଦ୍ର ସାହୁ ନୟାଗଡ଼ ବିକାଶ ଓ ଉନ୍ନତି ଉପରେ ବକ୍ତବ୍ୟ ଦେଇଥିଲେ। ନୟାଗଡ଼ ଜିଲ୍ଲା ପ୍ରଗତି ପଥରେ ଆଗେଇଛି ବୋଲି ମୁଖ୍ୟ ଅତିଥି ଶ୍ରୀ ବେହେରା କହିଥିଲେ। ଅନ୍ୟତମ ଅତିଥି ଭାବେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର, ବସନ୍ତ ପ୍ରଧାନ, ସତ୍ୟଭାମା ନାୟକ, ଦଶପଲ୍ଲା ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର କାର୍ଯ୍ୟକ୍ରମରେ ରାମେଶ୍ୱର ଶତପଥୀ, ବିଶ୍ୱନାଥ ପ୍ରଧାନ, ପ୍ରୀତିପର୍ବା ମହାପାତ୍ର, ଭାରତଭୂଷଣ ରଥ, ପ୍ରଶାନ୍ତ ବରାଡ, ଉଷା ପଟ୍ଟନାୟକ, ଜମ୍ବେଶ୍ୱର ପ୍ରଧାନ, ବାଲୁକା ଶିଳ୍ପୀ ସୁବଳ ମହାରଣାଙ୍କ ସମେତ ଅନେକ ପ୍ରତିଭୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇନସ୍ତାୟର କଲେଜ ଛାତ୍ରଛାତ୍ରୀ ନୟାଗଡ଼ ବନ୍ଦନା ସଙ୍ଗୀତ ଉପରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପାଇକ ଆଖଡ଼ା, ଭାଇଜିଉଁତିଆ, ରସରକେଳି, ଘୁମୁରା, ପଲ୍ଲୀନୃତ୍ୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା। କଣ୍ଠଶିଳ୍ପୀ ଶର୍ମିଷ୍ଠାଙ୍କ ଦ୍ୱାରା ମେଲୋଡି ଅନୁଷ୍ଠିତ ହୋଇଥିଲା। ଚଳଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟ ଶୀତୁଆ ସନ୍ଧ୍ୟାକୁ ସରଗରମ କରିଥଲେ।



### ତୃତୀୟ ସନ୍ଧ୍ୟାରେ ପ୍ରବଳ ଗହଳି

ନୟାଗଡ଼ ଜିଲ୍ଲା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଥିଲା। ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ଜିଲ୍ଲା ମହୋତ୍ସବରେ ସମାଗମ ହୋଇଥିଲା। ପ୍ରଥମ ଦୁଇ ଦିନରେ ପଲ୍ଲୀଶ୍ରୀ ମେଳାରେ ୫୫ ଲକ୍ଷ ବ୍ୟବସାୟ ହୋଇଥିଲା। ଖାଦ୍ୟ ଓ ପୁସ୍ତକ ଷ୍ଟଲକୁ ମିଶାଇଲେ ବ୍ୟବସାୟ ବହୁତ୍ ଅଧିକ ହେବ ବୋଲି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମଞ୍ଚରେ କହିଥିଲେ।



## ଚିଲିକାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

# ବିଜେଡିର ବିପୁଳ ବିଜୟ ଲାଗି ସାଂସଦ ମାନସଙ୍କ ଆହ୍ୱାନ



**ବାଲୁଗାଁ,୨୬।୧୨(ସମିସ)**

ଚିଲିକାରେ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଯୋଗ ଦେବାସହ ଗଣଦୌଡକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗଣଦୌଡ ଭଗବତୀଙ୍କ ପୀଠରୁ ବାହାରି ବାଣପୁର ନଗର ପରିକ୍ରମା କରି ମା' ଟିକିରାଇଙ୍କ ପୀଠରେ ପହଞ୍ଚିଥିଲା। ଟିକିରାଇ ମନ୍ଦିର ପରିସରରେ ସାଂସଦ ମାନସ ମଙ୍ଗରାଜଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପରେ ବାଣପୁର ଡାକ୍ତରଖାନା ଛକ ସ୍ଥିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସାଂସଦ ମଙ୍ଗରାଜ ପୁଷ୍ପ ମାଲ୍ୟାର୍ପଣ କରିବା ସହ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଅବସରରେ ବାଣପୁର ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ସାଂସଦ। ଏହି କାର୍ଯ୍ୟକ୍ରମରେ ଚିଲିକା ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ରାଜା ଚକ୍ର, ବାଣପୁର ବିଜ୍ଞାପିତ ଅଞ୍ଚଳ ଅଧ୍ୟକ୍ଷ ମିଟୁ ନାୟକ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବିଜେଡି ଜିଲ୍ଲା ସମ୍ପାଦକ ମନୋଜ କୁମାର ପ୍ରଧାନ, ପ୍ରଭାସ ସୁନ୍ଦରାୟ, ମାନସ ରଞ୍ଜନ ପ୍ରଧାନଙ୍କ ସମେତ ଦଳର ବହୁ ଆଗଧାଡିର ନେତୃବୃନ୍ଦ ଓ କର୍ମୀ ଯୋଗ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ବାଲୁଗାଁ ମୁଖ୍ୟରାସ୍ତାସ୍ଥିତ କ୍ରୀଡ଼ା ମଣ୍ଡପଠାରେ ଆୟୋଜିତ ୨୭ତମ ପ୍ରତିଷ୍ଠା ଦିବସ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ମଙ୍ଗରାଜ ଯୋଗଦେଇ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ସମେତ ଚିଲିକା ନିର୍ବାଚନ ମଣ୍ଡଳୀର ବିଜେଡି ଦଳର ବହୁ ଆଗଧାଡିର ନେତୃବୃନ୍ଦ ଓ ବହୁ ସଂଖ୍ୟାରେ ଉପସ୍ଥିତ କର୍ମୀଙ୍କୁ ୨୦୨୪ ନିର୍ବାଚନରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜିତାଇବା ସହ ଚିଲିକାରେ ବିଜେଡିକୁ ବିପୁଳ ବିଜୟ କରାଇବାକୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ।

## ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ଶପଥ



**ଖୋର୍ଦ୍ଧା,୨୬।୧୨(ସମିସ):** ସ୍ଥାନୀୟ ଜୟୀରାଜଗୁରୁ ଟାଉନ୍‌ହଲ ପରିସରରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାଁ, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି, ଜିଲ୍ଲାପରିଷଦ ପ୍ରଫୁଲ୍ଲ କୁମାର ଦଳେଇ, ବିଜୟପାଳଟାସିଂହ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର, ଜିଲ୍ଲା ସଭାପତି ଗୀତାଞ୍ଜଳୀ ପାଟ୍ଟଶାଣୀ, ନଗର ସଭାପତି ମହମ୍ମଦ ଆରିଫ୍(ବାବୁ), ଜିଲ୍ଲା ସାଧାରଣ ସମ୍ପାଦକ ଲଳିତମୋହନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ନେତା ଓ କର୍ମୀ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ ମଞ୍ଚାସୀନ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ଦିଲ୍ଲୀପ କୁମାର ହୋତା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ବିପିନ ଜୟସିଂ, କାଳୁ ବଳିୟାରସିଂହ, ବିସିଜେଡି ସାଧାରଣ ସମ୍ପାଦକ ଲକ୍ଷ୍ମୀକାନ୍ତ ପ୍ରଧାନ, କାଉନ୍‌ସିଲର କମଳ ପ୍ରଧାନ, ଅନୀଲ ରାମ, ଟୁଟୁ ବଳିୟାରସିଂହ, ପ୍ରଶାନ୍ତ ସେଠୀ, ଜିଲ୍ଲା ମହିଳା ଉପସଭାନେତ୍ରୀ ରଶ୍ମି ମିଶ୍ର, ଜିଲ୍ଲା ଡିଜିଟାଲ ସେକ୍ରେଟାରୀ ଗୌତମ ମିଶ୍ର, ଡିଜିଟାଲ ସେକ୍ରେଟାରୀ ନୁପୁର ସାମନ୍ତସିଂହାର ପ୍ରମୁଖ ଉପସ୍ଥିତଥିଲେ।

ତେବେ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ବିଧାୟକ ଶ୍ରୀ ମିତ୍ର ଏବଂ ଦଳୀୟ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ଖୋର୍ଦ୍ଧାରେ ପହଞ୍ଚିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତ୍ରଣପତ୍ର

### ୪ ପୀଠକୁ ନିମନ୍ତ୍ରଣ, ୧୭ରେ ପୁରୀ ଯିବେ ୮ ଜଣ



**ଖୋର୍ଦ୍ଧା/ବାଲୁଗାଁ/ନାଚୁଣୀ,୨୬।୧୨ (ସମିସ)**

ଆସନ୍ତା ୧୭ତାରିଖରେ ବହୁ ପ୍ରତିକ୍ଷୀତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ହେବ ଲୋକାର୍ପଣ। ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ ପତ୍ର ଧରି ୩ଟି ସ୍ୱତନ୍ତ୍ର ଟିମ୍‌ରେ ମନ୍ଦିର ସେବାୟତ ଓ ନୋଡାଲ ଅଧିକାରୀ ଆଜି ଖୋର୍ଦ୍ଧାରେ ପହଞ୍ଚିଛନ୍ତି।

ପ୍ରଥମ ଟିମ୍‌ରେ ସେବାୟତ ନାରାୟଣ ପ୍ରତିହାରୀ, ନୋଡାଲ ଅଫିସର ବିକ୍ରମ କେଶରୀ ପ୍ରଧାନ, ଖୋର୍ଦ୍ଧା ଉପକଣ୍ଠ ଐତିହ୍ୟ ଜାଗୁଳେଇପାଟଣା ପୀଠରେ ଥିବା ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠି, ବିଡିଓ କ୍ଷୀରାବ୍ଧିତନୟା ସାହୁ, ମନ୍ଦିରର ପୂର୍ବତନ ସମ୍ପାଦକ ବୈକୁଣ୍ଠ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ମୀନକେତନ ମହାନ୍ତି, ସରପଞ୍ଚ ସୂର୍ଯ୍ୟକାନ୍ତ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଏହି ଟିମ୍‌କୁ ସ୍ୱାଗତ କରିଥିଲେ। ସେମାନେ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ମନ୍ଦିର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରିଥିଲେ।

ସେହିପରି ଦ୍ୱିତୀୟ ଟିମ୍ ଦଧିମାଛଗାଡ଼ିଆସ୍ଥିତ ଦାରୁକ୍ଷେତ୍ର ପତିତପାବନ ପୀଠରେ ପହଞ୍ଚିଥିଲେ। ଦାରୁକ୍ଷେତ୍ର ଟ୍ରଷ୍ଟି ମୁଖ୍ୟ ମାନସରଞ୍ଜନ ପଟ୍ଟନାୟକ ନିମନ୍ତ୍ରଣ ଗ୍ରହଣ କରିଥିଲେ। ଶ୍ରୀମନ୍ଦିର ପକ୍ଷରୁ ଦଇତାପତି ଜଗନ୍ନାଥ ଦାସ ମହାପାତ୍ର, ବିଭୁ ପ୍ରସାଦ ମହାପାତ୍ର ଏହି ଟିମ୍‌ରେ ଆସିଥିଲେ। ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ବିଡିଓ ଶ୍ରୀମତୀ ସାହୁ, ବ୍ଲକ୍ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ରାଜକିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଚିଲିକା ବ୍ଲକ୍ ନଇରୀ ନିକଟରେ ଥିବା କାଙ୍କଣ ଶିଖରୀ ପୀଠରେ ଏବଂ ବୋଲଗଡ଼ ତୃତୀୟାଦେବଙ୍କ ପୀଠରେ ନିମନ୍ତ୍ରଣ ପହଞ୍ଚିଛି। ପୂର୍ବ ନିର୍ଦ୍ଧାରିତ ସମୟ ଜାନୁଆରୀ ୧୭ତାରିଖ ଦିନକୁ ପ୍ରତି ପୀଠରୁ ୨ଜଣଲେଖାଏଁ ସେବାୟତଙ୍କ ନାମପଞ୍ଜିକୃତ କରି ପ୍ରତିନିଧି ଦଳ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏଥିରେ ଖୋର୍ଦ୍ଧାରୁ ୮ ଜଣ ଯିବେ।



## ମହିଳା ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

### ● ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ ମାନସ ମଙ୍ଗରାଜ




**ବାଣପୁର,୨୬।୧୨(ସମିସ):** ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର 'ନୂଆ-ଓ', ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନ ସମାରୋହ ଅଧ୍ୟକ୍ଷା ରଶ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ମୁଖ୍ୟ ବକ୍ତା ଭାବେ ବାଣପୁର ଏନ୍‌ଏସି. ନଗରପାଳ ମିଟୁ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଚିଲିକା ନିର୍ବାଚନ ମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ରାଜା ଚକ୍ର, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସମ୍ପାଦକ ଜଗନ୍ନାଥ ଭୋଳ ଏନ୍‌ଏସି ଉପାଧ୍ୟକ୍ଷା ପ୍ରାଚୀପ୍ରଭା ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର, କାଉନସିଲର ରାସଲତା ଜେନାଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇଥିଲେ। ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିବା ବେଳେ କମ୍ପ୍ୟୁଟର ପ୍ରଶିକ୍ଷକ ଶିବଶଙ୍କର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ବାଣପୁର-ବାଲୁଗାଁ ଅଞ୍ଚଳର ସାମ୍ବାଦିକମାନଙ୍କୁ ମୁଖ୍ୟଅତିଥି ସାଂସଦ ମଙ୍ଗରାଜଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ। କୃତି ଛାତ୍ରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଢେଙ୍କାନାଳ

**ବେଗୁନିଆ,୨୬।୧୨( ସମିସ):** କଣ୍ଟାବାଡ ଗ୍ରାମସ୍ଥିତ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳ ଫାଇନାଲ୍‌ରେ ପ୍ରବେଶ କରିଛି। ଢେଙ୍କାନାଳ ସୁରପ୍ରତାପ କ୍ରିକେଟ କ୍ଲବ୍ ଓ ଭୁବନେଶ୍ୱର ମଞ୍ଚେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ଟସ୍ ଜିତି ନିର୍ଦ୍ଧାରିତ ଓଭରେରେ ୫ ୱିକେଟ ବିନିମୟରେ ୨୪୯ ରନ କରିଥିବା ବେଳେ ପ୍ରତି ଜବାବରେ ଭୁବନେଶ୍ୱର ମଞ୍ଚେଶ୍ୱର କ୍ରିକେଟ କ୍ଲବ ୬ ୱିକେଟ ହରାଇ ୨୩୧ ରନ୍ କରି ପରାଜିତ ହୋଇଥିଲା। ଇଣ୍ଡିଆନ ବ୍ୟାଙ୍କର ମୁଖ୍ୟ ପରିଚାଳକ ସନ୍ତୋଷ ସେନାପତି, ସହକାରୀ ପରିଚାଳକ ରାଜାରାମ ପାଢ଼ୀ, ହୋଟେଲ ସ୍ୱେସ୍‌ସେଟର ପରିଚାଳନା ନିର୍ଦ୍ଦେଶକ ଗଜାନନ ଶର୍ମା, ଆଦିତ୍ୟ ଫାର୍ମାର ଓଡ଼ିଶାର ମୁଖ୍ୟ ଅମରେଶ ଦାସ ଓ ଶିକ୍ଷାପ୍ରେମୀ ରାଜକିଶୋର ପାଣିଗ୍ରାହୀ, ସଭାପତି ମାନସରଞ୍ଜନ ଦାଶ ଓ ସମ୍ପାଦକ ସୌମ୍ୟରଞ୍ଜନ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

### ● ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ବିଏସ୍ଏଫ୍ ସୋନପୁର

**କୁହୁଡ଼ି, ୨୬।୧୨(ସମିସ):** କୁହୁଡ଼ି ଜନତା ଷ୍ଟାଡିୟମରେ ୬୪ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଜି ଷଷ୍ଠ ଦିବସରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ସୋନପୁର ୨-୦ ଗୋଲ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ମୁଖ୍ୟଅତିଥି ଭାବେ ବିଇଓ ଟାଙ୍ଗୀ ରବୀନ୍ଦ୍ର ସାହୁ, ସମ୍ମାନିତ ଅତିଥି ପୂର୍ବତନ ଟାଙ୍ଗୀ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ଆଞ୍ଚଳିକ ଶାନ୍ତି କମିଟି ଅଧ୍ୟକ୍ଷ ଲଲାଟେନ୍ଦୁ କେଶରୀ ମଙ୍ଗରାଜ, ଯୁଗ୍ମ ସମ୍ପାଦକ କମଳ ସାମନ୍ତରାୟ, ଉପ ସଭାପତି ଶୁଭେନ୍ଦୁ ମାନସିଂହ, ହରି ସାମନ୍ତରାୟ, କେଦାର ପାତଳାସିଂହ ଓ ଯଦୁମଣି ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ମନୋଜ କୁମାର ମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଦେଶୀ ମଦ ଜବତ; ୩ ଗିରଫ

**ବେଗୁନିଆ,୨୬।୧୨(ସମିସ):** ବେଗୁନିଆ ଅବକାରୀ ଥାନା ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏକ ବାଇକ୍ ସହିତ ୧୦୬ ଲିଟର ଦେଶୀ ମଦ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ ଜାଗିନ ରାଓ ସଦଳବଳ ରଣପୁର ଥାନା ଅନ୍ତର୍ଗତ ଆମ୍ବଝର ଗ୍ରାମର ବିକାଶ ଶ୍ରୀଚନ୍ଦନ ବାଇକରେ ୮୦ ଲିଟର ଦେଶୀ ମଦ ଆଣି ଆସୁଥିବାବେଳେ ବେଗୁନିଆ ବ୍ଲକ୍ ସିକୋ ଫାଣ୍ଡି ଅନ୍ତର୍ଗତ ଗଡଡ଼ିଆପଡା ରାସ୍ତାରୁ ତାଙ୍କୁ ଗିରଫ କରିଛି। ସେହିପରି ବୋଲଗଡ ବ୍ଲକ ଡାବରଧୁଆପାଟଣା ଗ୍ରାମର ବୀଣାପାଣି ନାୟକ ତାଙ୍କ ଘର ସାମ୍ନାରେ ମଦ ବିକ୍ରି କରୁଥିବାବେଳେ ତାଙ୍କଠାରୁ ୧୪ ଲିଟର ଦେଶୀମଦ ଜବତ କରିବା ସହିତ ତାଙ୍କୁ ଗିରଫ କରିଛି। ପଙ୍କାଲସାହିର ବିଜୟ ନାୟକଙ୍କ ଠାରୁ ୧୨ଲିଟର ମଦ ଜବ୍ଦ କରି ତାଙ୍କୁ ଗିରଫ କରାଯାଇଛି।

## ସରକାରୀ ଜମିରୁ ମୋରମ ଚୋରି; ୩ ଗିରଫ, ଟ୍ରାକ୍ଟର ଓ ଜେସିବି ଜବତ

**ଜଟଣୀ, ୨୬।୧୨(ସମିସ):** ଜଟଣୀ ଥାନା ଅନ୍ତର୍ଗତ କନ୍ତିଆ ମହିଳା କଲେଜ ପଛପଟୁ ବେଆଇନ୍ ଭାବେ ଖଣି ଖୋଳା ଘଟଣାରେ ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ବେଗୁନିଆ ଜୟସିଂହ ସାହିର ଜିତୁନା ବଳିଆରସିଂ (୨୬), କାକୁଡ଼ିଆ ଗାଁର ଅନାଦି ସ୍ୱାଇଁ (୪୬) ଓ କାକୁଡ଼ିଆ ଗାଁର ଅନନ୍ତ ଚରଣ ସ୍ୱାଇଁ (୪୨)। ଘଟଣାସ୍ଥଳରୁ ପୁଲିସ ଟ୍ରାକ୍ଟର ଓ ଜେସିବି ମେସିନ୍‌କୁ ଜବତ କରିଛି।

ସୂଚନାଅନୁସାରେ, ଜଟଣୀ ତହସିଲ କନ୍ତିଆ ମହିଳା କଲେଜ ପଛରେ ବେଆଇନ୍ ଭାବେ ମୋରମ ଓ ମାଙ୍କଡ଼ା ପଥର ଖୋଳା ହେଉଥିବା ପୁଲିସ ଖବର ପାଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଅତର୍କିତ ଚଢ଼ଉ କରି ଘଟଣାସ୍ଥଳରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୪ଜଣ ସହଯୋଗୀ ଫେରାର ହୋଇଯାଇଥିଲେ। ଅଧିକ ପଚରାଉଚରା କରିବା ପରେ ସେମାନେ ସତ ସ୍ୱୀକାର କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜ୍ଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଘର ଦ୍ୱାର ଆଗରେ ଅବରୋଧ ପ୍ରତିବାଦରେ ଅନଶନ

**ବୋଲଗଡ଼,୨୬।୧୨(ସମିସ):** ବୋଲଗଡ଼ ଗ୍ରାମର ନରେନ୍ଦ୍ର କୁମାର ସାହୁ (୫୦) ମଙ୍ଗଳବାର ପୂର୍ବାହ୍ନରୁ ବୋଲଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଅନଶନକାରୀଙ୍କ ସୂଚନାରୁ ପ୍ରକାଶ ଯେ, ବୋଲଗଡ଼ ମୌଜାର ପ୍ଲଟ ନମ୍ବର ୧୯୩୩ କିସମ ଘରବାରି ପୁରୁଷାନୁକ୍ରମେ ସ୍ଥାୟୀ ପକ୍କାଘର ନିର୍ମାଣ କରି ବସବାସ କରି ଆସୁଛନ୍ତି। ଗତ ୩ମାସ ତଳେ ତାଙ୍କ ଘରର ଉତ୍ତର ପାର୍ଶ୍ୱରେ ଥିବା ସମ୍ମୁଖ ଭାଗକୁ ସିମେଣ୍ଟ ଖୁମ୍ବ ଓ ଲୁହା ତାରବାଡ ଘେରାଇ ଥିବା କାରଣରୁ ତାଙ୍କ ଘରକୁ ରାସ୍ତା ଅବରୋଧ ହୋଇଛି। ଯାହାଫଳରେ ନରେନ୍ଦ୍ରଙ୍କ ପରିବାର ବାହାରକୁ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସେ ବୋଲଗଡ଼ ତହସିଲଦାରଙ୍କ, ଥାନା ନିରୀକ୍ଷକ ସମେତ ମୁଖ୍ୟମନ୍ତ୍ରୀ, ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ଖବର ଲେଖା ହେବା ସୁଦ୍ଧା ସ୍ଥାନୀୟ ତହସିଲଦାର ନିବେଦିତା ପରିଡା ଏବଂ ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳ ଅନସନକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ




**ବେଗୁନିଆ,୨୬।୧୨(ସେମିସ):** ବେଗୁନିଆ ନିର୍ବାଚନ ମଣ୍ଡଳୀର ୪୦ଗୋଟି ପଞ୍ଚାୟତର ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବିଜେଡିର ଛାମୁଆ କର୍ମୀମାନଙ୍କୁ ନେଇ ବେଗୁନିଆ ସଦର ମହକୁମାସ୍ଥିତ ଟାଉନ ହଲ୍ ପରିସରରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବିଜେଡି ଦଳ ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ବୋଲଗଡ଼ ବ୍ଲକ ସଭାପତି ବାନାମ୍ବର ମାଝୀ, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ରମେଶ ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶଚନ୍ଦ୍ର ସାହୁ, ପ୍ରଦୀପ୍ତ କିଶୋର ଛୋଟରାୟ, ସୁନନ୍ଦିତା ସାହୁ, ସୁବାସ ଚନ୍ଦ୍ର ରାୟଗୁରୁ, ତନୁଜା ପାଟଶାଣୀ, ବିଜେଡି ଦଳ ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀ ମଦ ଓ ପୋଚ ଜବତ

ବାଲୁଗାଁ,୨୬।୧୨(ସମିସ): ମଙ୍ଗଳବାର ସକାଳେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ବାଣପୁରର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୋଶରଡା ଓ ବାଣପୁର ଏନ୍‌ଏସି ଅନ୍ତର୍ଗତ ପୋଡ଼ାସାହି ଠାରେ ଚଢ଼ଉ କରି ବେଆଇନ ଭାବେ ମଦ ପ୍ରସ୍ତୁତ ପାଇଁ ରଖା ଯାଇଥିବା ୧୯ ହଜାର ୬ ଶହ ଲିଟର ପୋଚ ଏବଂ ପ୍ରସ୍ତୁତ ହୋଇ ବିକ୍ରି ପାଇଁ ରଖା ଯାଇଥିବା ୧୪ ଶହ ୬୫ ଲିଟର ଚୋରା ଦେଶୀ ମଦ ଜବତ କରିଛନ୍ତି। ହେଲେ ଜଙ୍ଗଲର ସୁଯୋଗ ନେଇ ଖବର ପାଇ ଚିରାଚରିତ ଭାବେ ମଦ ବେପାରୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଅବକାରୀ ଓ ପୁଲିସ କେବଳ ବେଆଇନ ମଦ ଓ ପୋଚ ଜବତ କରିବା ସହ ବାଣପୁର ତହସିଲଦାର ପଦ୍ମନାଭ ଦୋରାଙ୍କ ଉପସ୍ଥିତିରେ ସେ ସବୁକୁ ନଷ୍ଟ କରିଦିଆଯାଇଛି।

## ପଥର ବୋଝେଇ ଗାଡ଼ି ଜବତ

ବେଗୁନିଆ,୨୬।୧୨(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ବଡ଼ବେରଣା, ଗେଡ଼ିଆପଲ୍ଲି ଓ ମଳିପଦର ଗ୍ରାମରୁ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ୩ଟି ପଥର ବୋଝେଇ ଗାଡ଼ିକୁ ଜବତ କରିଛି। ଏଥିରେ ଥାନା ଉପ ନିରୀକ୍ଷକ ବିନୋଦ ଚନ୍ଦ୍ର ବେହେରା, ଅତିରିକ୍ତ ଥାନା ଉପନିରୀକ୍ଷକ ଭୁବନ ବେହେରା, କନଷ୍ଟେବଳ ପ୍ରଦୀପ ବେହେରା, ଶ୍ରୀନିବାସ ବାରିକ ଓ ଭାବଗ୍ରାହି ମଙ୍ଗରାଜ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିବା ବେଳେ ଗାଡ଼ିର ଚାଳକ ଫେରାର ହୋଇଯାଇଥିଲେ। ଥାନାରେ ତିନୋଟି ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଜାରୀ ରହିଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ କହିଛନ୍ତି।

